ପ୍ରସିଦ୍ଧ ଓଡ଼ିଆ କବି, ବିଦ୍ୱାନ ଏବଂ ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା ମହତ୍ତର ସଦସ୍ୟ ରମାକାନ୍ତ ରଥ ଆଉ ନାହାନ୍ତି ବୋଲି ଜାଣି ଖୁବ୍ ଦୁଃଖ ଲାଗୁଛି। ତାଙ୍କ କବିତା ଅଗଣିତ ବ୍ୟକ୍ତିଙ୍କୁ ଗଭୀର ଭାବରେ ଆତ୍ମନିରୀକ୍ଷଣ କରିବାକୁ ତଥା ଭୌତିକ ଜଗତ ବାହାରେ ଜୀବନ, ମୃତ୍ୟୁ, ଅସ୍ତିତ୍ୱ ବିଷୟରେ ଜିଜ୍ଞାସା କରିବାକୁ ସାହାଯ୍ୟ କରିଥିଲା। ଏଥିସହ ଅନେକଙ୍କୁ ନିଜ ନିଜର ସାଂସ୍କୃତିକ ମୂଳକୁ ପୁନର୍ବାର ଖୋଜିବା ଏବଂ ପୁନଃଆବିଷ୍କାର କରିବାକୁ ଶକ୍ତି ଦେଇଥିଲା। "ଶ୍ରୀରାଧା" ଏବଂ "ସପ୍ତମ ଋତୁ" ଭଳି ତାଙ୍କର ପ୍ରସିଦ୍ଧ ଏବଂ ଅମର କୃତିଗୁଡିକ ଆତ୍ମ-ଆବିଷ୍କାରର ଯାତ୍ରାରେ ସର୍ବଦା ସାହାଯ୍ୟ କରୁଥିବେ। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହ ଶ୍ରୀ ରଥ ଓଡ଼ିଶାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୦୬ ମସିହାରେ ତାଙ୍କୁ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା। ଆସନ୍ତାକାଲି ସାହିତ୍ୟ ଏକାଡେମୀର ସମସ୍ତ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହେବ ଏବଂ ତାଙ୍କ ସମ୍ମାନାର୍ଥେ ଦ୍ୱିତୀୟାର୍ଦ୍ଧରେ ସମସ୍ତ କାର୍ଯ୍ୟାଳୟ ବନ୍ଦ ରହିବ।

- କେ. ଶ୍ରୀନିବାସରାଓ, ସଚିବ, କେନ୍ଦ୍ର ସାହିତ୍ୟ ଏକାଡେମୀ